SAMBAD
ସମ୍ବାଦ
ଶୁକ୍ରବାର, ଜୁନ୍ ୧୪, ୨୦୧୩

# ପିକକ୍ ପକ୍ଷରୁ ଶିଶୁ ଅଧିକାର କବିତା ପାଠୋତ୍ସବ

ଭୁବନେଶ୍ୱର,୧୩/୬(ଇମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିକକ୍ ପକ୍ଷରୁ ରୋଟାରି କ୍ଲବ୍ ଅଫ୍ ଭୁବନେଶ୍ୱର ହେରିଟେଜ୍ ସହାୟତାରେ ଶିଶୁ ଅଧିକାର ଓ ଶିଶୁ ଶ୍ରମ ସମ୍ପର୍କିତ କବିତା ପାଠୋତ୍ସବ ଗତକାଲି ରେଡକ୍ରସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଦାଶ ବେନହୁର ଏହାକୁ ଉଦ୍‌ଘାଟନ କରି କହିଥିଲେ, ଶିଶୁମାନଙ୍କ ପ୍ରତି ସମ୍ବେଦନଶୀଳତା ବୃଦ୍ଧି କରିବା ସହ ସେମାନଙ୍କ କଥା ଓ ବ୍ୟଥା ଆମେ ଶୁଣିବା ଓ ବୁଝିବା ଆବଶ୍ୟକ। କବି ଓ ଲେଖକମାନେ ନିଜ ଭାବନାର କିଛି ସମୟ ପିଲାଙ୍କ ପାଇଁ ଦେବାକୁ ଶ୍ରୀ ଦାଶ ଆହ୍ୱାନ ଦେଇଥିଲେ। ଶ୍ରମିକ ନେତା ସୌରୀବନ୍ଧୁ କର, ଅଭିନେତା ପାର୍ଥସାରଥୀ ରାୟ, ଶୁଭ୍ରାଂଶୁ ନାୟକ, ରୋଟାରି କ୍ଲବ୍ ହେରିଟେଜ୍‌ର ସଭାପତି ସଞ୍ଜୀବ ଚଢ଼ା, ଡାକ୍ତର ସେବା ମହାପାତ୍ର, ଆଇଓଏଲ୍‌ର ଭକ୍ତବନ୍ଧୁ ଆଚାର୍ଯ୍ୟ, ପିକକ୍‌ର ସଭାନେତ୍ରୀ ଆଦରମଣି ବରାଳ, କବି ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ଶିଶୁ ଅଧିକାର ପାଇଁ ଗୁଡ୍ ଉଇଲ୍ ଆମ୍ବାସଡ଼ର୍ ଆକାଂକ୍ଷା କବି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପିକକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାୟ ୪୦ ଜଣ କବି ଓ ୫ ଜଣ ଶିଶୁ ପ୍ରତିଭା ସ୍ୱରଚିତ କବିତା ପାଠ କରିଥିଲେ। ପିକକ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କବିତା ପାଠୋତ୍ସବ ସଂଯୋଜନା କରିଥିଲେ।

ପିକକ୍ ପକ୍ଷରୁ ଭୁବନେଶ୍ୱର ଓ ବାଲିଅନ୍ତା ବ୍ଲକ୍‌ରେ ଅଲିଭା ମହିଳା ପଞ୍ଚାୟତ ପ୍ରତିନିଧି ମହାସଂଘ ସହାୟତାରେ ସାଧାରଣ ସଭା, ଖୋର୍ଧାସ୍ଥିତ ଶବରସାହି ଗ୍ରାମରେ ଛୋଟ ପିଲାଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଓ କେନ୍ଦୁଝରରେ ଦସ୍ତଖତ ଅଭିଯାନ ମଧ୍ୟ ଅନୁଷ୍ଠିତ ହୋଇଥିଲା।